ସମ୍ବାଦ କଳିକା

୨୭ ଫେବୃଆରୀ ୨୦୧୦, ଶନିବାର

# ଆଇ.ଟି.ଇ.ଆରର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଉଦ୍‌ଘାଟିତ

## ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି

ଭୁବନେଶ୍ୱର,୨୬।୨:ନ୍ୟୁଜ୍ ବ୍ୟୁରୋ।

ପୂର୍ବ ଭାରତର ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇ.ଟି.ଇ.ଆର କଲେଜର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି ବୋଲି ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ  କଲେଜର ଡିନ୍ ପ୍ରଫେସର କେ.କେ. ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ତଥା ଓ୍ୱିପ୍ରୋର



ଅନ୍ତର୍ଜାତୀୟ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଡିନ୍ ପ୍ରଫେସର ମିଶ୍ର ସଂକ୍ଷିପ୍ତରେ ଅନୁଷ୍ଠାନର ସଫଳତା ବିଷୟରେ ସମ୍ୟକ ଧାରଣା ଦେବା ସହିତ ଅତିଥିମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପରିବେଷଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ବିଭାଗର ଡିନ୍ ପ୍ରଫେସର ଏସ୍.ସି. ମିଶ୍ର ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଉପସ୍ଥିତ ଥିବା ଛାତ୍ର ଛାତ୍ରୀମାନଙ୍କୁ ସେ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ସମ୍ମାନିତ ଅତିଥି ତଥା ଓ୍ୱିପ୍ରୋର ଆନ୍ତର୍ଜାତୀୟ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ତାଙ୍କର ଅଭିଭାଷଣରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବା ପାଇଁ କହିବା ସହିତ ଆମ ପିଲାମାନଙ୍କ ପାଖରେ ଯେକୌଣସି ନୂତନ କାର୍ଯ୍ୟ ପାଇଁ ପ୍ରବଳ ଇଚ୍ଛାଶକ୍ତି ଏବଂ କ୍ଷମତା ଭରପୁର ଥିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍‌ଫେଷ୍ଟ 'ଚକ୍ରବ୍ୟୂହ'ର ବିଭିନ୍ନ ପ୍ରତିଯୋଗିତାରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।